**ସଂକ୍ଷେପରେ**

## ପ୍ରସ୍ତାବିତ ବାଇପାସ୍ ପ୍ରସଙ୍ଗରେ ଉତ୍ତର ରଖିଲେ କେନ୍ଦ୍ରମନ୍ତ୍ରୀ

ରାୟଗଡ଼ା ଅଫିସ,୧୨।୧୧- ରାୟଗଡ଼ା ବାଇପାସ୍ ରୋଡ୍ ନିର୍ମାଣ ଏବଂ ରାମଭଦ୍ରପୁରମ୍‌ଠାରୁ ବିଷମକଟକ ଭାୟା କେରଡ଼ା ଓ ରାୟଗଡ଼ା ରୋଡ୍‌କୁ ଜାତୀୟ ରାଜପଥ ମାନ୍ୟତା ନିମନ୍ତେ ପୂର୍ବତନ ରାଜ୍ୟ ସଭା ସଦସ୍ୟ ଏନ୍. ଭାସ୍କର ରାଓ କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟକୁ ପୂର୍ବରୁ ଅନୁରୋଧ କରିଥିଲେ। ଏ ନେଇ କେନ୍ଦ୍ରମନ୍ତ୍ରୀ ନୀତିନ୍ ଗଡକରୀ ସକାରାତ୍ମକ ଉତ୍ତର ରଖିଥିବା ରାଓ ସୂଚନା ଦେଇଛନ୍ତି। ରାୟଗଡ଼ାଠାରେ ହେବାକୁ ଥିବା ବାଇପାସ୍ ରୋଡ୍ ନିମନ୍ତେ ଓଡ଼ିଶା ପୂର୍ତ୍ତ ବିଭାଗକୁ ସବିଶେଷ ରିପୋର୍ଟ ମଗାଯାଇଛି। ରିପୋର୍ଟକୁ ଭିତ୍ତିକରି ପ୍ରସ୍ତାବିତ ବାଇପାସ୍ ରୋଡ୍ ବିଷୟରେ ବିଚାର କରାଯିବ ଏବଂ ମଞ୍ଜୁର ଦିଗରେ ପଦକ୍ଷେପ ନିଆଯିବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି। ଏଥିସହ ରାମଭଦ୍ରପୁରମ୍‌ଠାରୁ ବିଷମକଟକକୁ ଜାତୀୟ ରାଜପଥ ମନ୍ୟତା ନେଇ ମଧ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଥିବା ନେଇ ମନ୍ତ୍ରୀ ସୂଚନା ଦେଇଛନ୍ତି। ଏହା ରାୟଗଡ଼ା ଜିଲାବାସୀଙ୍କ ପାଇଁ ଖୁସି ଖବର ବୋଲି ରାଓ କହିଛନ୍ତି। ଏହାଦ୍ୱାରା ରାୟଗଡ଼ା ଜିଲାର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି ହେବା ସହ ଆର୍ଥିକ କ୍ଷେତ୍ରରେ ବିକାଶ ମଧ ଘଟିବ ବୋଲି ସେ କହିଛନ୍ତି।

## ନିଖିଳ ଓଡ଼ିଶା ଜିଆର୍‌ଏସ୍ ସଂଘର ବୈଠକ



ରାୟଗଡ଼ା ଅଫିସ,୧୨।୧୧- ରାୟଗଡ଼ା ଭେଙ୍କେଟେଶ୍ୱର କଲ୍ୟାଣ ମଣ୍ଡପ ଠାରେ ନିଖିଳ ଓଡ଼ିଶା ଗ୍ରାମ ରୋଜଗାର ସେବକ(ଜିଆର୍‌ଏସ୍) ସଂଘ ରାୟଗଡ଼ା ଶାଖା ପକ୍ଷରୁ ଏକ ସାଧାରଣ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ସଂଘର ସଭାପତି ବଦ୍ରି ନାରାୟଣ ମହାନ୍ତି, ସମ୍ପାଦକ ଉଦୟନାଥ ଲେଙ୍କା ଏବଂ କାର୍ଯ୍ୟକାରୀ ସଭାପତି ରଞ୍ଜିତ ଜେନା ପ୍ରମୁଖ ଯୋଗଦେଇ ଜିଆରଏସ୍‌ଙ୍କ ପ୍ରତି ସରକାର ଧ୍ୟାନ ଦେଉ ନ ଥିବା ଏବଂ ସେମାନଙ୍କୁ ନିୟମିତ କରୁ ନଥିବା ବିଷୟରେ ଆଲୋଚନା କରିଥିଲେ। ଏଥିସହ ପିଇଓ ପଦୋନ୍ନତି ପାଇଁ ଶତକଡ଼ା ୩୦ ପ୍ରତିଶତ ବ୍ୟବସ୍ଥାକୁ ନିନ୍ଦା କରିବା ସହ ଦୃଢ଼ ବିରୋଧ କରିଥିଲେ। ବୈଠକରେ କନ୍ଧମାଳ, ଗଜପତି ଏବଂ କୋରାପୁଟ ଜିଲା ସଂଘର ନେତୃବୃନ୍ଦ ଉପସ୍ଥିତ ଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କନ୍ଧମାଳ ଜିଲା ସଭାପତି ଶ୍ରବଣ କୁମାର ପଣ୍ଡା, ରାୟଗଡ଼ା ଜିଲା ସଭାପତି ବଳରାମ ପାଣିଗ୍ରାହୀ, ସମ୍ପାଦକ ଦେବେନ୍ଦ୍ର ସିଂ, ଟୁକୁନା ପାଣିଗ୍ରାହି ଏବଂ ଅଶୋକ ଚୌଧୁରୀ ପ୍ରମୁଖ ମଞ୍ଚାସୀନ ଥିଲେ।

## ଓଲଟିଲା ଶୁଖୁଆ ବୋଝେଇ ମିନିଟ୍ରକ, ୮ ଆହତ

ଖଲ୍ଲିକୋଟ,୧୨।୧୧(ଡି.ଏନ.ଏ.)-ଗଞ୍ଜାମ ଜିଲା ଖଲ୍ଲିକୋଟ ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଲଙ୍ଗଳେଶ୍ୱର ନିକଟରେ ଶନିବାର ଭୋରରେ ଏକ ଶୁଖୁଆ ବୋଝେଇ ମିନିଟ୍ରକ ଓଲଟି ପଡ଼ିଛି। ଏହି ଦୁର୍ଘଟଣାରେ ୮ ଜଣ ଯାତ୍ରୀ ଆହତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୬ ଜଣଙ୍କ ହୋଇଛନ୍ତି। ପୁରୀ ପେଣ୍ଟକଟା ଅଞ୍ଚଳର ୭ ଜଣ ମହିଳା ବ୍ୟବସାୟୀ ଶୁଖୁଆ ନେଇ ହୁମ୍ମା ହାଟକୁ ଏକ ମିନିଟ୍ରକ (ନଂ ଓଡି ୦୭ ଏଫ ୬୫୬୩) ଯୋଗେ ଆସୁଥିଲେ। ଭୋର ୫ଟାରେ ଲଙ୍ଗଳେଶ୍ୱର ନିକଟରେ ମିନିଟ୍ରକଟି ଭାରସାମ୍ୟ ହରାଇ ଡିଭାଇଡରକୁ ଧକ୍କା ଦେଇ ରାସ୍ତା ଉପରେ ଓଲଟି ପଡ଼ିଥିଲା। ଖବର ପାଇ ଭେଜିପୁଟ ଫାଣ୍ଡି ପୋଲିସ, ଅଗ୍ନିଶମ ବାହିନୀ ଗାଡ଼ି ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ୬ ଗୁରୁତର ମହିଳାଙ୍କୁ ଚିକିତ୍ସା ପାଇଁ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା।

# କାଗଜପତ୍ରରେ ସରିଛି ବିଷମକଟକ ମିନି ଷ୍ଟାଡିୟମ

ବିଷମକଟକ,୧୨।୧୧(ଡି.ଏନ୍.ଏ.)



ବିଷମକଟକ ମିନି ଷ୍ଟାଡିୟମ।

- ଖେଳ ଉପଯୋଗୀ ହୋଇପାରୁନି
- ଏ ପର୍ଯ୍ୟନ୍ତ ପଡ଼ିଆ ସମତୁଲ ହୋଇନାହିଁ
- ପ୍ରଶାସନର ଆନ୍ତରିକତା ଅଭାବ, କ୍ରୀଡ଼ାପ୍ରେମୀ ନିରାଶ

ରାଜ୍ୟରେ କ୍ରୀଡ଼ାର ବିକାଶ ନିମନ୍ତେ ପ୍ରତ୍ୟେକ ବ୍ଲକ ମୁଖ୍ୟାଳୟରେ ଗୋଟିଏ ଲେଖାଏ ମିନି ଷ୍ଟାଡିୟମ ନିର୍ମାଣ ପାଇଁ ରାଜ୍ୟ ସରକାର ବ୍ୟୟ ବରାଦ କରିଥିଲେ। ରାୟଗଡ଼ା ଜିଲା ବିଷମକଟକ ବ୍ଲକ ସଦରଠାରେ ୨୦୧୭ରେ ଖେଳ ପଡ଼ିଆ ନିମନ୍ତେ ସ୍ଥାନୀୟ ବିଧାୟକ ତଥା ଏବେକାର ଆଦିବାସୀ କଲ୍ୟାଣ ଓ ଆଇନ ମନ୍ତ୍ରୀ ଜଗନ୍ନାଥ ସାରକା ଶିଳାନ୍ୟାସ କରିଥିଲେ। ଇତିମଧ୍ୟରେ ଏହି ଖେଳପଡ଼ିଆ ନିର୍ମାଣ ନିମନ୍ତେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇଥିଲେ ମଧ୍ୟ ଷ୍ଟାଡିୟମ ନିର୍ମାଣ କାମ ସମ୍ପୂର୍ଣ୍ଣ ହେଉନାହିଁ। ନିର୍ମାଣ କାର୍ଯ୍ୟ ଆରମ୍ଭକୁ ୫ ବର୍ଷ ପୂରିଥିଲେ ମଧ୍ୟ ଉକ୍ତ ମିନି ଷ୍ଟାଡିୟମ ଖେଳ ଉପଯୋଗୀ ହୋଇପାରିନାହିଁ। ପଡ଼ିଆ ପୂର୍ବଭଳି ଖାଲଖମା ଅବସ୍ଥାରେ ରହିଛି। ଅନ୍ୟପକ୍ଷରେ ବୁଧବାର ଜିଲାପାଳଙ୍କ ଅଧ୍ୟକ୍ଷତାରେ ହୋଇଥିବା କ୍ରୀଡ଼ା ବିକାଶ କମିଟି ବୈଠକରେ ବିଷମକଟକ ମିନି ଷ୍ଟାଡିୟମ ନିର୍ମାଣ କାମ ସମ୍ପୂର୍ଣ୍ଣ ହୋଇଥିବା ସୂଚନା ଦିଆଯିବାକୁ ନେଇ ସ୍ଥାନୀୟ କ୍ରୀଡ଼ାବିତ୍ ଏବଂ କ୍ରୀଡ଼ାପ୍ରେମୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଷ୍ଟାଡିୟମ ପାଇଁ ଆସିଥିବା ଅନୁଦାନ ରାଶି ଖର୍ଚ୍ଚ ହୋଇଥିଲେ ମଧ୍ୟ ଷ୍ଟାଡିୟମ ଖେଳ ଉପଯୋଗୀ ହୋଇପାରି ନ ଥିବା ସେମାନେ ପ୍ରକାଶ କରିଛନ୍ତି।

ମିନି ଷ୍ଟାଡିୟମ ଦ୍ୱାରା ଗ୍ରାମାଞ୍ଚଳରେ କ୍ରୀଡ଼ା ଭିତ୍ତିଭୂମିକୁ ସୁଦୃଢ଼ କରିବା ସହ କ୍ରୀଡ଼ା ପ୍ରତିଭାଙ୍କୁ ସାମ୍ନାକୁ ଆଣିବା ସରକାରଙ୍କ ଉଦ୍ଦେଶ୍ୟ। ହେଲେ ବିଷମକଟକରେ ଏଥିପାଇଁ ଅର୍ଥ ଖର୍ଚ୍ଚ ହୋଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ପଡ଼ିଆ ସମତୁଲ ହୋଇପାରି ନାହିଁ। ଏହା ସ୍ଥାନୀୟ କ୍ରୀଡ଼ାବିତ୍‌ଙ୍କୁ ନିରାଶ କରିଛି। ସ୍ଥାନୀୟ କଲେଜ ଖେଳପଡ଼ିଆ ଭରସା ହୋଇଛି। ସୂଚନାଯୋଗ୍ୟ, ଏହି ଷ୍ଟାଡିୟମ ପାଇଁ ୨୦୧୭ରେ ଆଦିବାସୀ ଉନ୍ନୟନ ବିଭାଗରୁ ୨୦ଲକ୍ଷ, ୨୦୧୮ରେ ବିଧାୟକ ପାଣ୍ଠିରୁ ୫ଲକ୍ଷ ଓ ଏମ୍‌ପି ପାଣ୍ଠିରୁ ୫ଲକ୍ଷ ପ୍ରଦାନ କରାଯାଇଥିଲା। ୨୦୧୯ ରୁ ୨୦୨୧ ମଧ୍ୟରେ ପୁଣି ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରୁ ପଡ଼ିଆର ଉନ୍ନତୀକରଣ ସକାଶେ ୧୬ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହୋଇଛି। ତଥାପି ଷ୍ଟାଡିୟମ ନିର୍ମାଣ କାମ ଅଧାପନ୍ତରିଆ ପଡ଼ିଛି। ୨୦୧୭ରେ ଉକ୍ତ ମିନି ଷ୍ଟାଡିୟମରେ ଖେଳାଳିଙ୍କ ନିମନ୍ତେ ଏକ ବିଶ୍ରାମ କକ୍ଷର ନିର୍ମାଣ କାମ ଆରମ୍ଭ ହୋଇଥିବାବେଳେ ତାହା ମଧ୍ୟ ଏ ପର୍ଯ୍ୟନ୍ତ ଶେଷ ହୋଇନାହିଁ। ଅର୍ଦ୍ଧନିର୍ମିତ କୋଠା ଏବେ ଭାଙ୍ଗିବାକୁ ଗଲାଣି। କେତେଜଣ ଅସାଧୁ ଠିକାଦାରଙ୍କୁ ନିର୍ମାଣ କାମରେ ନିୟୋଜିତ କରାଯିବା ଯୋଗୁ ଏଭଳି ସ୍ଥିତି ଉପୁଜିଥିବା ଅଞ୍ଚଳର ବୁଦ୍ଧିଜୀବୀ ମତପ୍ରକାଶ କରିଛନ୍ତି। ୪୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହୋଇ ସାରିଥିଲେ ମଧ୍ୟ ଷ୍ଟାଡିୟମ ନିର୍ମାଣ କାମ ସରୁନାହିଁ। ଅନ୍ୟପକ୍ଷରେ କାମ ସମ୍ପୂର୍ଣ୍ଣ ହେଉ ନ ଥିବାରୁ ବ୍ୟୟ ଅଟକଳ ମଧ୍ୟ ବଢ଼ିଚାଲିଥିବା ସେମାନେ ପ୍ରକାଶ କରିଛନ୍ତି। ମିନି ଷ୍ଟାଡିୟମର ଅଧା ଅଞ୍ଚଳ ପାଚେରି ଘେରି ହୋଇ ରହିଛି। ଠିକାଦାରଙ୍କ ଇଚ୍ଛାରେ କାମ ଚାଲିଥିବାବେଳେ ସ୍ଥାନୀୟ ପ୍ରଶାସନ ନୀରବଦ୍ରଷ୍ଟା ସାଜିଛି। କେଉଁ ପରିସ୍ଥିତିରେ ଷ୍ଟାଡିୟମ ଖେଳ ଉପଯୋଗୀ ହୋଇପାରୁନାହିଁ ତାହାର ତଦନ୍ତ କରାଯିବା ସହ ଷ୍ଟାଡିୟମକୁ ଖେଳ ଉପଯୋଗୀ କରିବା ଦିଗରେ ପ୍ରଶାସନ ଦୃଷ୍ଟିଦେବାକୁ ବିଷମକଟକ ଅଞ୍ଚଳର କ୍ରୀଡ଼ାବିତ୍ ଓ କ୍ରୀଡ଼ାପ୍ରେମୀ ଦାବି କରିଛନ୍ତି।

# ଗାଡ଼ି ଧକ୍କାରେ ଗୋରୁଚରାଳି ମୃତ

**୨ ମଇଁଷି ଗୁରୁତର**

ମୁନିଗୁଡ଼ା, ୧୨।୧୧(ଡି.ଏନ୍.ଏ.)



ରାୟଗଡ଼ା ଜିଲା ମୁନିଗୁଡ଼ା ଥାନା ଅଧୀନ କରଡ଼ାବନ୍ଧ ଗାଁ ନିକଟରେ ଗାଡ଼ିଧକ୍କାରେ ଜଣେ ଗୋରୁଚରାଳିଙ୍କ ଶନିବାର ମୃତ୍ୟୁ ଘଟିଛି। ଏଥିରେ ୨ ମଇଁଷି ଗୁରୁତର ହୋଇଛନ୍ତି। ମୃତକ ହେଲେ କରଡାବନ୍ଧ ଗାଁର ପୁଲନ୍ଦର ସିକ୍‌କା।

ଘଟଣାରୁ ପ୍ରକାଶ, ସକାଳେ ପୁଲନ୍ଦର ୨ ମଇଁଷିଙ୍କୁ ଚରାଇବାକୁ ବାହାରିଥିଲେ। ରାସ୍ତା ପାର ହେବା ସମୟରେ ଅମ୍ବାଦୋଳା ଦିଗରୁ ଆସୁଥିବା ଏକ ଟାଟା ମ୍ୟାଜିକ୍ ଗାଡ଼ି ପୁଲନ୍ଦରଙ୍କୁ ଧକ୍କା ଦେଇଥିଲା। ଦୁର୍ଘଟଣା ପରେ ଗାଡ଼ି ରାସ୍ତା ପାର୍ଶ୍ୱରେ ଥିବା ଏକ ଗଛକୁ ଧକ୍କା ଦେଇଥିଲା। ଏଥିରେ ପୁଲନ୍ଦର ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ପ୍ରଥମେ ମୁନିଗଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ବିଷମକଟକ ଖ୍ରୀଷ୍ଟିଆନ ହସ୍ପିଟାଲ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ମୁନିଗୁଡ଼ା ଥାନା ଅଧିକାରୀ ସୁଜ୍ଞାନୀ ସାହୁଙ୍କ ସମେତ ଅନ୍ୟ ପୋଲିସ ଅଧିକାରୀ ଓ କର୍ମଚାରୀ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ଅନ୍ୟପକ୍ଷରେ ଦୁର୍ଘଟଣା ଘଟାଇ ଚାଳକ ଫେରାର ହୋଇଥିବା ବେଳେ ପୋଲିସ ଏ ନେଇ ମୁନିଗୁଡ଼ା ଥାନାରେ କେସ୍ ନମ୍ବର ୨୨୫/୨୨ ରେ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି। ବିଷମକଟକ ଠାରେ ମୃତଦେହ ବ୍ୟବଚ୍ଛେଦ କରାଯିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ରାୟଗଡ଼ାରେ ରାଷ୍ଟ୍ରୀୟ ଲୋକ ଅଦାଲତ

ରାୟଗଡ଼ା ଅଫିସ,୧୨।୧୧

ରାୟଗଡ଼ା ଜିଲା ଆଇନ ସେବା ପ୍ରାଧିକରଣ (ଡିଏଲ୍‌ଏସ୍‌ଏ)ର ତତ୍ତ୍ୱାବଧାନରେ ରାଷ୍ଟ୍ରୀୟ ଲୋକ ଅଦାଲତ ଜିଲା ସିଭିଲ କୋର୍ଟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାୟଗଡ଼ା ମୁଖ୍ୟ କୋର୍ଟ ସମେତ ଗୁଣପୁର, ବିଷମକଟକ, କାଶୀପୁରରେ ଦୀର୍ଘ ଦିନ ଧରି ପଡ଼ି ରହିଥିବା ୧୭୮୧ ମାମଲାର ଫଇସଲା କରାଯାଇ ଜରିମାନା ବାବଦକୁ ୬୫, ୭୧, ୨୨୯ ଟଙ୍କା ଓ ପ୍ରିଲିଟିଗେସନ ସମ୍ବନ୍ଧିତ ୨୧ ମାମଲାର ଫଇସଲା କରାଯାଇ ଜରିମାନା ବାବଦକୁ ୭, ୪୯, ୫୯୯ ଟଙ୍କା ଆଦାୟ କରାଯାଇଛି।

ଡିଏଲ୍‌ଏସ୍‌ଏର ଅଧ୍ୟକ୍ଷ ତଥା ଜିଲା ଦୌରା ଜଜ୍ ବିକ୍ରମ କେଶରୀ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଲୋକ ଅଦାଲତକୁ ପ୍ରାଧିକରଣର ସମ୍ପାଦିକା ନିବେଦିତା ପଣ୍ଡା ପରିଚାଳନା କରିଥିଲେ। ଏଥିରେ ପରିବାର ଅଦାଲତର ବିଚାରପତି ଅମୃତ ରଞ୍ଜନ ନନ୍ଦ, ଅତିରିକ୍ତ ଜିଲାଜଜ୍ ରୀନା ଚୌଧୁରୀ, ସ୍ଥାୟୀ ଲୋକ ଅଦାଲତର ଅଧ୍ୟକ୍ଷ ହିମାଂଶୁ ଶେଖର ବ୍ରହ୍ମା, ରେଜିଷ୍ଟ୍ରାର ଦେବିଜ୍ୟୋତି ମହାପାତ୍ର, ବରିଷ୍ଠ ଦଣ୍ଡାଧିକାରୀ ମୀନାକ୍ଷୀ ପ୍ରିୟଦର୍ଶିନୀ, ମହିଳା କୋର୍ଟର ବିଚାରପତି ସୋନଲ ଶର୍ମା, ବରିଷ୍ଠ ଦେୱାନୀ ବିଚାରପତି ସୌମ୍ୟରୂପ ସାହୁ, ଅନୁବିଭାଗୀୟ ଦଣ୍ଡାଧିକାରୀ ଗୁରୁଚରଣ ଜେନାମଣି, ଗ୍ରାମ୍ୟ ନ୍ୟାୟାଧିକାରୀ ସୁବାସିନୀ ବେହେରା ପ୍ରମୁଖ ଯୋଗଦେଇଥିଲେ। ପ୍ରାଧିକରଣ ତଥା ଜିଲା ଅଦାଲତର କର୍ମଚାରୀ ଏଥିରେ ସହଯୋଗ କରିଥିଲେ।

# ବିଦ୍ୟୁତ୍ ଆଘାତରେ ମୃତଙ୍କ ପରିବାରକୁ ୩ ଲକ୍ଷ କ୍ଷତିପୂରଣ

**ରାଷ୍ଟ୍ରୀୟ ଲୋକ ଅଦାଲତ**

ଗୁଣପୁର,୧୨।୧୧(ଡି.ଏନ୍.ଏ.)

ଗୁଣପୁରଠାରେ ଶନିବାର ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଗୁଣପୁର ଏଡିଜେ ମାନସ ରଞ୍ଜନ ରଥ ୧୦ଟି ଫୌଜଦାରି ମାମଲାର ଫଇସଲା କରିଥିଲେ। ସବ୍‌ଜଜ୍ ସନ୍ତୋଷ କୁମାର ମହାପାତ୍ର ୩ଟି ମନି ରିକଭରି ମାମଲାର ଫଇସଲା କରି ୨, ୮୭, ୫୧୪ ଟଙ୍କା ଜରିମାନା ଆଦାୟ କରିଥିବାବେଳେ ୬ ଫୌଜଦାରି ମାମଲା ଫଇସଲା କରିଥିଲେ। ଏସ୍‌ଡିଜେଏମ୍ ଶାନ୍ତିଶ୍ରୀ ମହାନ୍ତି ୧୧୫ ଫୌଜଦାରି ମାମଲା ଫଇସଲା କରିବା ସହ ୧୧୦୦ ଟଙ୍କା ଜରିମାନା ଆଦାୟ କରିଥିଲେ। ଜେଏମ୍‌ଏଫ୍‌ସି ବର୍ଷା ମହାନ୍ତି ୬୮ ଫୌଜଦାରି ମାମଲା ଫଇସଲା କରିଥିଲେ।

ଲୋକ ଅଦାଲତରେ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ମଧ୍ୟ ପ୍ରକାଶ ପାଇଛି। ବିଦ୍ୟୁତ୍ ଆଘାତରେ ମୃତ୍ୟୁ ଘଟିଥିବା ଜଣେ ଯୁବକଙ୍କ ପରିବାରବର୍ଗଙ୍କୁ ୩ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଗୁଣପୁର ଏଡିଜେ ମାନସ ରଞ୍ଜନ ରଥ ବିଦ୍ୟୁତ୍ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ମାମଲାରୁ ଜଣାଯାଏ, ୨୦୧୨ ଅଗଷ୍ଟ ୧୩ରେ ତୁଲେଶ୍ୱର ଶବର(୧୬) ସାଙ୍ଗମାନଙ୍କ ସହ ବାଳିକା ଉଚ୍ଚବିଦ୍ୟାଳୟଠାରେ ଥିବା ତେନ୍ତୁଳିଗଛ ମୂଳେ ଖେଳୁଥିଲେ। ଏହି ସମୟରେ ସେ ଗଛକୁ ଛୁଇଁବା ପରେ ଅଚେତ ହୋଇପଡ଼ିଥିଲେ। ଗଛ ଉପର ଦେଇ ବିଦ୍ୟୁତ୍ ତାର ଯାଇଥିବା ଯୋଗୁ ତୁଲେଶ୍ୱର ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଗୁରୁତର ହୋଇଥିଲେ। ତାଙ୍କୁ ତୁରନ୍ତ ଗୁଡ଼ାରି ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏ ନେଇ ଗୁଡ଼ାରି ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିଲା। ପରବର୍ତ୍ତୀ ସମୟରେ ଉକ୍ତ ଘଟଣା ପାଇଁ ବିଦ୍ୟୁତ୍ ବିଭାଗକୁ ଦାୟୀ କରାଯାଇ ତୁଲେଶ୍ୱରଙ୍କ ବାପା ତେଲୁଙ୍ଗୁ ଶବର ଗୁଣପୁର ସବ୍‌ଜଜ୍‌ଙ୍କ କୋର୍ଟରେ ଗୁମୁଡ଼ାର କନିଷ୍ଠ ଯନ୍ତ୍ରୀ, ଏସ୍‌ଡିଓ, ଲାଇନମ୍ୟାନ, ହେଲ୍‌ପର, ବ୍ରହ୍ମପୁର ଜିଏମ୍ ଏବଂ ଗୁଣପୁର ନିର୍ବାହୀ ଯନ୍ତ୍ରୀଙ୍କୁ ପକ୍ଷଭୁକ୍ତ କରି କ୍ଷତିପୂରଣ ପ୍ରଦାନ ପାଇଁ ଏକ ମାମଲା ରୁଜୁ କରିଥିଲେ। ମାମଲାକୁ ଆଇନଜୀବୀ ଈଶ୍ୱର ଗମାଙ୍ଗ ଏବଂ ରାଜକିଶୋର ଦାସ ପରିଚାଳନା କରୁଥିଲେ। ଏହାର ଶୁଣାଣିକରି ୨୦୧୮ ମାର୍ଚ୍ଚ ୩ରେ କୋର୍ଟ ୬ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ବିଦ୍ୟୁତ୍ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଏହି ରାୟ ବିରୋଧରେ ବିଦ୍ୟୁତ୍ ବିଭାଗ ଗୁଣପୁର ଏଡିଜେଙ୍କ କୋର୍ଟରେ ଅପିଲ କରିଥିଲା। ଗୁଣପୁର ଏଡିଜେ ମାନସ ରଞ୍ଜନ ରଥ ମାମଲାର ଶୁଣାଣି କରିଥିଲେ। ଉଭୟ ପକ୍ଷଙ୍କ ମଧ୍ୟରେ ଆପୋସ ବୁଝାମଣା ହେବାପରେ ୩ ଲକ୍ଷ ଟଙ୍କା କ୍ଷତି ପୂରଣ ବାବଦକୁ ପ୍ରଦାନ ପାଇଁ ସ୍ଥିର ହୋଇଥିଲା। କ୍ଷତିପୂରଣ ବାବଦକୁ ଶନିବାର ରାଷ୍ଟ୍ରୀୟ ଲୋକ ଅଦାଲତରେ ତୁଲେଶ୍ୱରଙ୍କ ବାପା ତେଲୁଙ୍ଗୁଙ୍କୁ ୩ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା। ଏହି ସମୟରେ ଏଡିଜେ ମାନସ ରଞ୍ଜନ ରଥଙ୍କ ସମେତ ଓକିଲ ସଂଘର ସଭାପତି ବ୍ରହ୍ମାନନ୍ଦ ପଟ୍ଟନାୟକ, ଟିପିଏସ୍‌ଓଡିଏଲର ନିର୍ବାହୀ ଯନ୍ତ୍ରୀ ପ୍ରଦୀପ କୁମାର ରାଓ, ବିଦ୍ୟୁତ୍ ବିଭାଗର ଓକିଲ ଏସ୍. ଗଣପତି ରାଓ ଏବଂ ଆବେଦନକାରୀଙ୍କ ଓକିଲମାନେ ମଧ୍ୟ ଉପସ୍ଥିତ ଥିଲେ।



ଗୁଣପୁର ଏଡିଜେ ତେଲୁଙ୍ଗୁଙ୍କୁ କ୍ଷତିପୂରଣ ବାବଦକୁ ଚେକ୍ ପ୍ରଦାନ କରୁଛନ୍ତି।

# ଖାଲଖମାରେ ପୂର୍ଣ୍ଣ ଟିକିରି ମୁଖ୍ୟରାସ୍ତା



ଟିକିରି,୧୨।୧୧(ଡି.ଏନ୍.ଏ.)

ରାୟଗଡ଼ା ଜିଲା କାଶୀପୁର ବ୍ଲକ ଟିକିରି ମୁଖ୍ୟ ରାସ୍ତା ଖାଲଖମାରେ ଭର୍ତ୍ତି ହୋଇଛି। ଏହି ରାସ୍ତାରେ ପ୍ରତ୍ୟେକ ଦିନ ଭାରିଯାନ ଏବଂ ଅନ୍ୟ ଯାନବାହନ ଯାତାୟାତ କରୁଥିବାବେଳେ ଅନେକ ସମୟରେ ଦୁର୍ଘଟଣା ଘଟୁଛି। ୨୦୧୩ ରେ ପୂର୍ତ୍ତ ବିଭାଗ ପକ୍ଷରୁ ଏହି ରାସ୍ତାକାମ ହୋଇଥିଲା। ଏହି ରାସ୍ତାର ଅବସ୍ଥା ଏବେ ଶୋଚନୀୟ ହୋଇପଡ଼ିଛି। ହେଲେ ମରାମତି କିମ୍ବା ନୂତନ ରାସ୍ତା ନିର୍ମାଣ କାମ ହେଉନି। ବଡ଼ ବଡ଼ ଗର୍ତ୍ତ ଯୋଗୁ ସାଧାରଣ ଲୋକ ମଧ୍ୟ ସମସ୍ୟା ଭୋଗୁଛନ୍ତି। ଏହି ରାସ୍ତାଦେଇ ବିଭିନ୍ନ ସମୟରେ ସରକାରୀ ଅଧିକାରୀ ଯାତାୟାତ କରୁଛନ୍ତି। ହେଲେ ଏହି ରାସ୍ତା ମରାମତି ଦିଗରେ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ସେହିପରି ଟିକିରି ଥାନା ଠାରୁ ରେଳ ଷ୍ଟେଶନ ପର୍ଯ୍ୟନ୍ତ ରାସ୍ତା ମଧ୍ୟ ଖାଲଖମାରେ ଭର୍ତ୍ତି ହୋଇଥିବାବେଳେ ମରାମତି ନେଇ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ହୋଇଛି। ଶୀଘ୍ର ରାସ୍ତା ମରାମତି କିମ୍ବା ନୂତନ ରାସ୍ତା ନିର୍ମାଣ ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଜିଆଇଇଟିରେ ଇ-ଫିଏଷ୍ଟା ଉଦ୍‌ଘାଟିତ




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଗୁଣପୁର,୧୨।୧୧(ଡି.ଏନ.ଏ.)

ଗୁଣପୁର ଜିଆଇଇଟି ବିଶ୍ୱବିଦ୍ୟାଳୟ ପରିସରରେ ଇଲେକ୍ଟ୍ରୋନିକ୍ସ ଆଣ୍ଡ କମ୍ୟୁନିକେସନ ଇଞ୍ଜିନିୟରିଂ ବିଭାଗ ପକ୍ଷରୁ ଟେକ୍ନୋକଲଚୁରାଲ ଫେଷ୍ଟ ଇ-ଫିଏଷ୍ଟା ଶନିବାର ଉଦ୍‌ଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଭାରତ ସରକାରଙ୍କ ଶିକ୍ଷା ବିଭାଗର ଅଭିନବକରଣ ସେଲ୍ ତଥା ଏଆଇସିଟିଇର ଅଭିନବକରଣର ସହ ନିର୍ଦ୍ଦେଶକ ଦିପୁନ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏବେକାର ସମାଜର ଉନ୍ନତି ସକାଶେ ବୈଦ୍ୟୁତିକ ବିଜ୍ଞାନର ଭୂମିକା ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଶ୍ୱବିଦ୍ୟାଳୟର ମହା ନିର୍ଦ୍ଦେଶକ ଜଗଦୀଶ ପଣ୍ଡା, ସ୍କୁଲ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲଜିର ଡିନ୍ ଏ. ବି. ଶ୍ରୀନିବାସ ରାଓ ପ୍ରମୁଖ ମଞ୍ଚାସିନ ଥିଲେ। ବିଭାଗୀୟ ମୁଖ୍ୟ ଶୁଭ୍ରଜିତ ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ତୁଷାର କାନ୍ତ ପଣ୍ଡା ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ବୈଷୟିକ, ଅଣ ବୈଷୟିକ ଓ କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଓ ପୁରସ୍କାର ଦେଇ ସମ୍ମାନିତ କରାଯାଇଥିଲା। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲା ଡ୍ରାଇଭର ମହାସଂଘ

ଡାବୁଗାଁ, ୧୨।୧୧ (ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକରେ ଥିବା ଓଡିଶା ଡ୍ରାଇଭର ମହାସଂଘ ପକ୍ଷରୁ ଶନିବାର ସନ୍ଧ୍ୟାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପୂର୍ବରୁ ମହାସଂଘ ପକ୍ଷରୁ ରାଜ୍ୟ ସରକାରଙ୍କୁ ୧୨ ଦଫା ଦାବିପତ୍ର ପ୍ରଦାନ କରାଯାଇଥିଲା। ଉକ୍ତ ଦାବିକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୂରଣ କରିବା ନେଇ ପ୍ରତିଶ୍ରୁତି ଦେଇଛନ୍ତି। ଏନେଇ ଡାବୁଗାଁ ମହାସଂଘ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେବାସହ ଡାବୁଗାଁ ବସଷ୍ଟାଣ୍ଡରେ ଆନନ୍ଦୋତ୍ସବ ପାଳନ କରିଛନ୍ତି। ଏଥିରେ ମହାସଂଘ ବ୍ଲକ ସଭାପତି ସନ୍ତୋଷ ଭତ୍ରା, ଉପସଭାପତି ଦିଲ୍ଲୀପ ନାୟକ, ସମ୍ପାଦକ ଅମିରଅଲ୍ଲୀ ଖାନ, ସହ ସମ୍ପାଦକ ବିଶ୍ୱଜିତ ବୈଠାରୁ, କୋଷାଧ୍ୟକ୍ଷ ଉମାକାନ୍ତ ପାତ୍ର, ଡମ୍ବରୁ ନାୟକ, ମନ ଭତ୍ରା, ମିଟୁ ପଣ୍ଡା, ଗୋପାଳ ହରିଜନ, ଗଣେଶ ହରିଜନ, ପି. ଭୈରବ ରାଓ, ରାମଚନ୍ଦ୍ର ହରିଜନ, କାର୍ତ୍ତିକ ଶବର, ପ୍ରଦୀପ ବିଶୋଇ, ମିଟୁ ଭତରା, ଅର୍ଜୁନ ବିଶୋଇଙ୍କ ସମେତ ପ୍ରାୟ ୫୦ ଜଣରୁ ଊର୍ଦ୍ଧ୍ୱ ଡ୍ରାଇଭରମାନେ ଯୋଗ ଦେଇଥିଲେ।



# ଜିଲାସ୍ତରୀୟ ଶିଶୁ ମାନସିକ ସ୍ୱାସ୍ଥ୍ୟ ସହାୟତା କର୍ମଶାଳା

କୋରାପୁଟ,୧୨।୧୧(ସ୍ୱ.ପ୍ର.)

କୋରାପୁଟସ୍ଥିତ ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ରଠାରେ ଜିଲାସ୍ତରୀୟ ଶିଶୁ ମାନସିକ ସ୍ୱାସ୍ଥ୍ୟ ସହାୟତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ୟୁନିସେଫ, ଶିଶୁ ସୁରକ୍ଷା ଆୟୋଗର ମିଳିତ ସହାୟତାରେ ଏହି କର୍ମଶାଳାକୁ ଶୋଭା ସଙ୍ଗଠନ ଆୟୋଜନ କରିଥିଲା। ଜିଲା ଶିଶୁ ସୁରକ୍ଷା ଅଧିକାରୀ ରାଜଶ୍ରୀ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ । ମୁଖ୍ୟବକ୍ତା ଭାବରେ ଜିଲା ଶିଶୁ ମଙ୍ଗଳ ଅଧିକାରୀ ପ୍ରଭାତ ବିଡିକା ଯୋଗଦେଇ ଶିଶୁମାନଙ୍କର ମାନସିକ ସ୍ୱାସ୍ଥ୍ୟ ଓ ସୁରକ୍ଷା ଉପରେ ଆଲୋକପାତ କରିଥିଲେ। ପ୍ରଶିକ୍ଷକ ଶୀତଳ ପଟ୍ଟନାୟକ ଶିଶୁମାନଙ୍କ ମାନସିକ ଅବସାଦ, ସେମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆବଶ୍ୟକ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲାରେ ଥିବା ବିଭିନ୍ନ ଶିଶୁ ଯତ୍ନ ଅନୁଷ୍ଠାନର କାଉନସିଲର, ଅଙ୍ଗନୱାଡି କର୍ମୀ ,ଶିକ୍ଷା ବିଭାଗର ସିଆରସିସି, ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା, ଚାଇଲ୍‌ଡଲାଇନ କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ । ଶୋଭାର ସଂଯୋଜକ ଅଚ୍ୟୁତାନନ୍ଦ ଦ୍ୱାନ ସାମନ୍ତରାୟ ସ୍ୱାଗତ ସୂଚନା ଦେଇଥିଲେ। ପୋଗ୍ରାମ ମ୍ୟାନେଜର ରାମ ପ୍ରସାଦ ପଟ୍ଟନାୟକ ପରିଚାଳନା କରିଥିଲେ। ବିଜୟ ଚନ୍ଦ୍ର ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

# ବିଜେଡିରେ ଯୋଗଦେଲେ ୨ଶହରୁ ଊର୍ଦ୍ଧ୍ୱ

ରାୟଗଡ଼ା ଅଫିସ,୧୨।୧୧

ରାୟଗଡ଼ା ଜିଲାର ଟାଣୁଆ ବିଜେଡି ନେତା ତଥା ପୂର୍ବତନ ରାଜ୍ୟ ସଭା ସଦସ୍ୟ ଏନ୍. ଭାସ୍କର ରାଓଙ୍କ ଅଧ୍ୟକ୍ଷତାରେ ଶନିବାର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାୟଗଡ଼ା ବ୍ଲକର ୨ ଶହରୁ ଊର୍ଦ୍ଧ୍ୱ ଅନ୍ୟ ଦଳର ଯୁବକର୍ମୀ ବିଜେଡିରେ ସାମିଲ ହୋଇଛନ୍ତି। ନଗର ଭାଜପାର ପୂର୍ବତନ ସାଧାରଣ ସମ୍ପାଦକ ବିଜୟ କାଡ୍ରାକାଙ୍କ ନେତୃତ୍ୱରେ ବି. ମସ୍ତାନ୍, ଗାଙ୍ଗଡ଼ା ସୁରେଶ, ଗୌତମ ସ୍ୱାଇଁ, କେ. ରାହୁଲଙ୍କ ସମେତ ୨ ଶହରୁ ଊର୍ଦ୍ଧ୍ୱ କର୍ମୀ ବିଜେଡିରେ ସାମିଲ ହୋଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଆଦର୍ଶ, ବିକାଶମୂଳକ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ସେମାନେ ବିଜେଡିରେ ଯୋଗଦେଇଥିବା କହିଛନ୍ତି।

ମିଶ୍ରଣ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ମନ୍ତ୍ରୀ ଲାଲବିହାରୀ ହିମିରିକା, ରାୟଗଡ଼ା ବ୍ଲକ ଅଧ୍ୟକ୍ଷା ଟୁନି ହୁଇକା, ଉପାଧ୍ୟକ୍ଷ ହରପ୍ରସାଦ ହେପ୍ଟକା, ରାୟଗଡ଼ା 'କ' ଏବଂ 'ଗ' ଜୋନ୍ ଜିଲା ପରିଷଦ ସଭ୍ୟ ପ୍ରଶାନ୍ତ କୁଲେସିକା ଏବଂ ସନ୍ଧ୍ୟା ପୁଲାକା, ପୂର୍ବତନ ପୌର ଅଧ୍ୟକ୍ଷ ରାଇସିଂ ବିଡିକା, ଦଳର ସକ୍ରିୟ କର୍ମୀ ବିନାୟକ କର, ଅମିୟ ସ୍ୱାଇଁ, ବିଜେଡି ରାଜ୍ୟ ସମ୍ପାଦକ ଅବିନାଶ ବିଶୋଇ, ବିଜେଡି ନଗର ଯୁବ ସଭାପତି ଶ୍ରୀକାନ୍ତ ଚୌଧୁରୀ, ତପନ ପେଦେନ୍ତି, ହୃଷୀକେଶ କୁଲଦୀପଙ୍କ ସମେତ କର୍ମୀମାନେ ଉପସ୍ଥିତ ଥିଲେ।



ପୂର୍ବତନ ରାଜ୍ୟ ସଭା ସଦସ୍ୟ ଏନ୍. ଭାସ୍କର ରାଓ, ପୂର୍ବତନ ମନ୍ତ୍ରୀ ଲାଲବିହାରୀ ହିମିରିକାଙ୍କ ସହ ଦଳରେ ଯୋଗଦେଇଥିବା ନୂତନ କର୍ମୀ।

# ବିନା ବିଇଓ, ଏବିଇଓରେ ଚାଲିଛି ଗୁଡାରୀ ବ୍ଲକ

ଗୁଡାରୀ,୧୨।୧୧(ଡି.ଏନ୍.ଏ.)




ରାୟଗଡ଼ା ଜିଲା ଗୁଡରୀ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଏବେ ଚରମ ପ୍ରଶାସନିକ ଅବ୍ୟବସ୍ଥା ପରିଲକ୍ଷିତ ହେଉଛି। କାର୍ଯ୍ୟାଳୟ ସ୍ଥାପନ ହୋଇ ଦୀର୍ଘ ୯ ବର୍ଷରୁ ଊର୍ଦ୍ଧ୍ୱ ସମୟ ବିତିଥିବା ବେଳେ ୭ ବର୍ଷରୁ ଅଧିକ ସମୟ ଧରି ଅସ୍ଥାୟୀ ଭାବେ ପଦ୍ମପୁର ବିଇଓଙ୍କ ଦ୍ୱାରା ସମସ୍ତ କାର୍ଯ୍ୟ ପରିଚାଳିତ ହେଉଛି। ବ୍ଲକରେ ପ୍ରାଥମିକ ବିଦ୍ୟାଳୟ ୭୧, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ୩୮, ଉଚ୍ଚ ବିଦ୍ୟାଳୟ ୧୦ ଟି ଏବଂ ଅନ୍ୟ ବିଦ୍ୟାଳୟ ସମେତ ସର୍ବମୋଟ ୧୨୬ ବିଦ୍ୟାଳୟ ରହିଛି। ସେହିପରି ୮୦୨୧ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବାବେଳେ ୪୩୨ ଶିକ୍ଷୟିତ୍ରୀ ଶିକ୍ଷକ କାର୍ଯ୍ୟ କରୁଛନ୍ତି। ପରିତାପର ବିଷୟ ହେଲା ୨୦୧୭ ଜୁନ୍ ୩୦ରୁ ବିଇଓ ଗଣେଶ ଭୋଇ ଅବସର ନେବା ପରେ ୫ ବର୍ଷ ହେଲା ଏହି ପଦବୀ ଖାଲି ପଡ଼ିଛି। ତାଙ୍କ ସ୍ଥାନରେ ପଦ୍ମପୁର ବିଇଓ ଅତିରିକ୍ତ ଦାୟିତ୍ୱରେ ରହିଛନ୍ତି। ଏମିତିକି ଗୁଡାରୀରେ ସ୍ଥାୟୀ ଏବିଇଓ ମଧ ନାହାନ୍ତି। ନିକଟରେ ଏବିଇଓ କବିବର ପ୍ରଧାନ ପଦୋନ୍ନତି ପାଇ ଗଞ୍ଜାମ ଜିଲା ବୁଗୁଡ଼ା ବିଇଓ ଭାବେ ବଦଳି ହୋଇଥିବା ବେଳେ ଏଠାରେ ବ୍ଲକ ଅନ୍ତର୍ଗତ କଦମା ହାଇସ୍କୁଲର ପ୍ରଧାନ ଶିକ୍ଷକ ଏବିଇଓ ଦାୟିତ୍ୱରେ ରହିଛନ୍ତି। ବ୍ଲକରେ ଜଣେ ବିଇଓଙ୍କ ସମେତ ୩ ଏବିଇଓ ଯଥାକ୍ରମେ ବିଆର୍‌ସିସି, ମଧ୍ୟାହ୍ନ ଭୋଜନ ଓ ପେଡାଗୋଜି ଦାୟିତ୍ୱରେ ରହିବାର ବ୍ୟବସ୍ଥା ଥିବାବେଳେ ବିନା ବିଇଓ ଏବଂ ଏବିଇଓରେ ଗୁଡାରୀ ବ୍ଲକର ଶିକ୍ଷା ବ୍ୟବସ୍ଥା ଚାଲିବା ଦୁର୍ଭାଗ୍ୟଜନକ। ସମ୍ପ୍ରତି ଦେଶରେ ଶିକ୍ଷା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନର ଧାରା ଜାରି ରହିଥିବା ବେଳେ ଗୁଡାରୀ ବ୍ଲକରେ ଏଭଳି ଚରମ ଅବ୍ୟବସ୍ଥା ଗୁଣାତ୍ମକ ଶିକ୍ଷାର ପ୍ରଚାରକୁ କୁଠାରାଘାତ କରୁଛି। ସମସ୍ତ କାର୍ଯ୍ୟ ନିମନ୍ତେ ପଦ୍ମପୁର ଉପରେ ନିର୍ଭର କରୁଥିବାରୁ ଶିକ୍ଷକ ମହଲରେ ମଧ୍ୟ ଅସନ୍ତୋଷ ପ୍ରକାଶ ପାଉଛି। ଆଦିବାସୀ ଅଧ୍ୟୁଷିତ ଜିଲାରେ ଏଭଳି ପରିସ୍ଥିତିରେ ବ୍ଲକରେ ଶିକ୍ଷା ବିଭାଗର ତଦାରଖ ବ୍ୟବସ୍ଥା କିଭଳି ହେଉଛି ତାହା ସ୍ପଷ୍ଟ ଅନୁମେୟ। ଏ ବିଷୟରେ ରାୟଗଡ଼ା ଡିଇଓ ପୂର୍ଣ୍ଣଚନ୍ଦ୍ର ବରିହାଙ୍କୁ ଫୋନ୍‌ରେ ଯୋଗାଯୋଗ କରି ପଚାରିବାରୁ ଏ ବିଷୟରେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇ କହି କାମ ସାରି ଦେଇଛନ୍ତି। ଶୀଘ୍ର ଏହି ବ୍ଲକରେ ସ୍ଥାୟୀ ବିଇଓ ଏବଂ ଏବିଇଓ ନିଯୁକ୍ତି ଦେବାକୁ ଦାବି ହେଉଛି।

# ୨ ଜିଲ୍ଲାରେ ୭୦୪୮ ମାମଲା ଫଇସଲା

**ମାଲକାନଗିରି/ଜୟପୁର, ୧୨।୧୧(ଡି.ଏନ୍.ଏ./ ନି.ପ୍ର.)**

ମାଲକାନଗିରି ଜିଲା ସଦର ମହକୁମାସ୍ଥିତ ଜିଲା ଦୌରା ଜଜ୍ କୋର୍ଟଙ୍କ ପରିସରରେ ଶନିବାର ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଜାତୀୟ ଆଇନ ସେବା ପ୍ରାଧିକରଣ ଓ ରାଜ୍ୟ ଆଇନ ସେବା ପ୍ରାଧିକରଣ ପରାମର୍ଶକ୍ରମେ ହୋଇଥିବା ଏହି ଲୋକ ଅଦାଲତରେ ୨୭୯୨ ମାମଲା ଫଇସଲ ହୋଇଥିଲା। ଜିଲା ଜଜ୍ ତଥା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ଅଜନ୍ତା ଷଡଙ୍ଗୀ, ଅତିରିକ୍ତ ଜିଲା ଜଜ୍ ଉଦୟଭାନୁ ଜେନା, ମୁଖ୍ୟ ବିଚାରବିଭାଗୀୟ ଦଣ୍ଡାଧିକାରୀ ସତ୍ୟପ୍ରିୟ ଦାସ, ବରିଷ୍ଠ ଦେୱାନୀ ବିଚାରପତି ବିଜୟ ଦାସ, ପ୍ରାଧିକରଣ ସଚିବ ତଥା ବିଚାରପତି ରାକେଶ ମୁଦୁଲି, ଉପଖଣ୍ଡ ଦଣ୍ଡାଧିକାରୀ ଦେବେନ୍ଦ୍ରନାଥ ବାଘ, ମାଥିଲି ପ୍ରଥମ ଶ୍ରେଣୀ ଦଣ୍ଡାଧିକାରୀ ସନ୍ତୋଷ ବାରିକ, ମୋଟୁ ପ୍ରଥମ ଶ୍ରେଣୀ ଦଣ୍ଡାଧିକାରୀ ପ୍ରବୀଣ ହୋତା ଓ କୁଡୁମୁଲୁଗୁମ୍ମା ପ୍ରଥମ ଶ୍ରେଣୀ ଦଣ୍ଡାଧିକାରୀ କୁଡୁମୁଲୁଗୁମ୍ମା ସୁମନ୍ତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ପ୍ରକାର ମକଦ୍ଦମାର ଫଇସଲା କରିଥିଲେ। ୫ଟି ମୋଟର ସାଇକେଲ ଦୁର୍ଘଟଣାଜନିତ କ୍ଷତିପୂରଣ ମାମଲାର ଫଇସଲା କରାଯାଇଥିଲା। ଏଥିରେ ଜିଲାର ବିଭିନ୍ନ ବ୍ୟାଙ୍କ ଅଂଶଗ୍ରହଣ କରି ୨୫ଟି ବ୍ୟାଙ୍କ ଋଣ ମାମଲାର ସମାଧାନ ହୋଇଥିଲା। ସମସ୍ତ କୋର୍ଟର କର୍ମଚାରୀ, ମାଲକାନଗିରି ଓ ମୋଟୁ ଓକିଲ ସଂଘର ଆଇନଜୀବୀ ଉପସ୍ଥିତ ରହି ସହଯୋଗ କରିଥିଲେ।

### ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଲୋକ ଅଦାଲତ

ସେହିପରି ଜୟପୁରରେ ଜାତୀୟ ଆଇନ ସେବା ପ୍ରାଧିକରଣ ଓ ରାଜ୍ୟ ଆଇନ ସେବା ପ୍ରାଧିକରଣ ନିର୍ଦ୍ଦେଶକ୍ରମେ ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଅଧ୍ୟକ୍ଷ ତଥା ଜିଲା ଦୌରାଜଜ୍ ସତ୍ୟନାରାୟଣ ମିଶ୍ରଙ୍କ ତତ୍ତ୍ୱାବଧାନରେ ଜାତୀୟ ଲୋକ ଅଦାଲତ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୪୨୫୬ ମାମଲାର ଫଇସଲା ହୋଇଛି। ଜୟପୁର ସମେତ କୋରାପୁଟ, ବୋରିଗୁମ୍ମା, କୋଟପାଡ, ଲକ୍ଷ୍ମୀପୁର, ଦଶମନ୍ତପୁର, ସେମିଳିଗୁଡ଼ାର ସମସ୍ତ ଫୌଜଦାରି, ଦେୱାନି ଅଦାଲତରେ ଏହା ଅନୁଷ୍ଠିତ ହୋଇଛି । ଜୟପୁରରେ ହୋଇଥିବା ଲୋକ ଅଦାଲତରେ ଜିଲା ଜଜ୍ ସତ୍ୟନାରାୟଣ ମିଶ୍ର, ପରିବାର ଅଦାଲତ ବିଚାରପତି ପବିତ୍ର ମୋହନ ସାମଲ, ଅତିରିକ୍ତ ଜିଲା ଜଜ୍ ଇ.ବି. ରାଓ, ମୁଖ୍ୟ ବିଚାର ବିଭାଗୀୟ ଦଣ୍ଡାଧିକରୀ ଦିଲୀପ ସାହୁ, ବରିଷ୍ଠ ଦେୱାନି ବିଚାରପତି ମୁସ୍ରତ ଜାହିନ, ପ୍ରାଧିକରଣ ସଚିବ ସୁମନ ଜେନା, ଉପଖଣ୍ଡ ଦଣ୍ଡାଧିକାରୀ ରେଖାରାଣୀ ପଣ୍ଡା, ପ୍ରଥମ ଶ୍ରେଣୀ ବିଚାର ବିଭାଗ ଦଣ୍ଡାଧିକାରୀ ପଲ୍ଲବୀ ପ୍ରିୟଦର୍ଶିନୀ ପ୍ରମୁଖ ଉପସ୍ଥିତ ରହି ପୃଥକ୍ ପୃଥକ୍ ଭାବେ କୋର୍ଟ କରି ମକଦ୍ଦମାଗୁଡ଼ିକର ଫଇସଲା କରିଥିଲେ। ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ୨୪ଟି ମୋଟର ଦୁର୍ଘଟଣାଜନିତ କ୍ଷତିପୂରଣ ମାମଲାର ଫଇସଲା କରି ବୀମା କମ୍ପାନୀଗୁଡ଼ିକୁ କ୍ଷତିପୂରଣ ବାବଦରେ ୨୮,୩୬,୨୫୭ଟଙ୍କା ଦେବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ୪୮ଟି ବ୍ୟାଙ୍କ ଋଣ ମାମଲା, ୨୬ ଏନ୍ଆଇ ଆକ୍ଟ ମାମଲାର ଫଇସଲା ହୋଇଥିଲା। ସେହିପରି ୩ ସାଲିସଯୋଗ୍ୟ ମାମଲା, ୩୭ ବୈବାହିକ ମାମଲା, ୫୧ ଅନ୍ୟାନ୍ୟ ଦେୱାନି ମାମଲା ଓ ୫୧ ଅନ୍ୟାନ୍ୟ ଫୌଜଦାରି ମାମଲାର ମଧ୍ୟ ଫଇସଲା କରାଯାଇଥିଲା। ଏଥିସହ କୋରାପୁଟ ଜିଲାର ସମସ୍ତ ତହସିଲର ୩୯୨୧ ରାଜସ୍ୱ ମାମଲାର ବିଚାର କରାଯାଇ ୧୦,୨୬,୪୩୪ ଟଙ୍କା ଆଦାୟ କରାଯାଇଥିଲା। ପ୍ରାକ୍ ମାମଲା ଶ୍ରେଣୀରେ ୭୪ ବ୍ୟାଙ୍କ ଋଣ ମାମଲାର ବିଚାର କରାଯାଇ ୪୪,୯୪,୯୦୦ ଟଙ୍କା, ୩ ଶ୍ରମ ମାମଲା ଓ ୧୮ ଅନ୍ୟାନ୍ୟ ପ୍ରାକ୍ ମାମଲାର ଫଇସଲା କରାଯାଇଥିଲା । ଅଦାଲତ ବେଞ୍ଚଗୁଡ଼ିକରେ ଆଇନଜୀବୀ ଦାଶରଥି ପଟ୍ଟନାୟକ, ଶାସନନ୍ଦ ମିଶ୍ର, ଆନନ୍ଦ ରଥ, ତ୍ରିନାଥ ସିଂହ ଲାଲ, ରାଜିଆ ବେଗୁମ, ସୁଧୀର ପାଢ଼ୀ, ମନୋଜ ଦୀନବନ୍ଧୁ, ଗୁପ୍ତାପ୍ରସାଦ ସାବତ, ଚନ୍ଦନ ନାୟକ ପ୍ରମୁଖ ମାମଲା ପରିଚାଳନା କରିଥିଲେ।




ମାଲକାନଗିରି ଓ ଜୟପୁରରେ ଅନୁଷ୍ଠିତ ଲୋକ ଅଦାଲତରେ ଉପସ୍ଥିତ ବିଚାରପତି ଓ ଆଇନଜୀବୀମାନେ ।

## ସଂକ୍ଷେପରେ

### ଡ୍ରାଇଭରଙ୍କ ମୃତ୍ୟୁକୁ ନେଇ ମୋଟର ମଜଦୁର ସଂଘର ବିକ୍ଷୋଭ



ସେମିଳିଗୁଡା,ସୁନାବେଡା,୧୨/୧୧ (ସ୍ୱ.ପ୍ର.)- କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଗିଲିଗୁମ୍ମା ଅଞ୍ଚଳରେ ଠିକାସଂସ୍ଥା ଦ୍ୱାରା ରାସ୍ତା କାମ ହେଉଥିବା ବେଳେ ଜଣେ କାର୍ଯ୍ୟରତ ଡ୍ରାଇଭର ଘାସିରାମ ଭତ୍ରା( ୪୨)ଙ୍କ କୌଣସି କାରଣରୁ ଦୁର୍ଘଟଣା ଘଟି ଗୁରୁତର ହୋଇଥିଲେ। ତାଙ୍କୁ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ ଓ ହସ୍ପିଟାଲକୁ ପଠାଯାଇଥିଲା। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା । ମାତ୍ର ସେଠାରେ ଚିକିତ୍ସାଧୀନ ଅବସ୍ଥା ଘାସିରାମଙ୍କ ଶନିବାର ମୃତ୍ୟୁ ହୋଇଛି। ଏହି ଖବର ପାଇବା ପରେ ସେମିଳିଗୁଡା ମୋଟର ମଜଦୂର ସଂଘର ଶତାଧିକ କର୍ମକର୍ତ୍ତା ଏକାଠି ହୋଇ ସେମିଳିଗୁଡାସ୍ଥିତ ନାଲକୋ ଛକ ନିକଟରେ କ୍ଷତିପୂରଣ ଦାବି କରି ଦୀର୍ଘ ୩ ଘଣ୍ଟା ଧରି ଅନଶନରେ ବସିଥିଲେ । ସଂଘ ର ଦାବି ମୁତାବକ ମୃତବ୍ୟକ୍ତିଙ୍କ ପରିବାରକୁ ଉପଯୁକ୍ତ କ୍ଷତିପୂରଣ ସହ ଥଇଥାନ ବ୍ୟବସ୍ଥା ସେମାନେ ଦାବି କରିଥିଲେ। ଘାସିରାମ ଦୀର୍ଘ ୯ ବର୍ଷ ଧରି ଠିକାସଂସ୍ଥା ଅଧୀନରେ ଟ୍ରକ ଡ୍ରାଇଭର ଭାବେ କାମ କରି ଆସୁଥିଲେ। ଅନଶନରେ ସଂଘ ସମ୍ପାଦକ ଶ୍ରୀଧର ମାଝୀ, ଉପସଭାପତି ରାଜୁ ଖୋସଲାଙ୍କ ସମେତ ଅନ୍ୟମାନେ ସାମିଲ ହୋଇଥିଲେ।

### ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ

ଜୟପୁର, ୧୨।୧୧ (ନି.ପ୍ର.)- ଜୟପୁର ସହରର ଜଣେ ନାବାଳିକା (୧୩) ଙ୍କୁ ବଳାତ୍କାର କରାଯାଇଥିବ ନେଇ ଟାଉନ ଥାନାରେ ଲିଖିତ ଅଭିଯୋଗ ହୋଇଛି । ଏହାକୁ ଭିତ୍ତି କରି ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।

### ବାଗଦେରି ଖେଳ ପଡିଆ ଦୁର୍ନୀତିର ଭିଜିଲାନ୍ସ ତଦନ୍ତ

କୁନ୍ଦୁରା,୧୨।୧୧(ଡି.ଏନ.ଏ.)- କୋରାପୁଟ ଜିଲା କୁନ୍ଦୁରା ବ୍ଲକ ଅନ୍ତର୍ଗତ ବାଗଦେରି ଗ୍ରାମ ପଞ୍ଚାୟତରେ ହୋଇଥିବା ଖେଳ ପଡିଆ ଦୁର୍ନୀତିର ଭିଜିଲାନ୍ସ ତଦନ୍ତ ଆରମ୍ଭ ହୋଇଛି। ପୂର୍ବରୁ ଥରେ ଭିଜିଲାନ୍ସ ଅଧିକାରୀମାନେ ତଦନ୍ତ କରିଥିବା ବେଳେ ଶନିବାର ପୁଣି ଥରେ ଏହାର ତଦନ୍ତ କରିଛନ୍ତି। ବାଗଦେରି ପଞ୍ଚାୟତରେ କାର୍ଯ୍ୟରତ ତତ୍କାଳୀନ ଗ୍ରାମ ରୋଜଗାର ସେବକ ଖେଳ ପଡିଆ କରିବା ନାଁରେ ୩ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହେରଫେର କରିଥିବା ଅଭିଯୋଗ ହୋଇଥିଲା। ଏହା ଜଣାପଡିବା ପରେ ତାଙ୍କୁ ଜିଲା ପ୍ରଶାସନ କାର୍ଯ୍ୟରୁ ବହିଷ୍କୃତ କରିଥିଲା। ଏହା ପରେ ସେ ଓ ଉଚ୍ଚ ନ୍ୟାୟାଳୟରେ ମାମଲା ଜିତିବା ପରେ ତାଙ୍କୁ ପୁଣି କୋରାପୁଟ ଜିଲା ପଟାଙ୍ଗୀ ବ୍ଲକ ଅନ୍ତର୍ଗତ କୋଟିଆରେ ପୁନଃ ନିଯୁକ୍ତି ମିଳିଛି। ଏନେଇ ଦୁର୍ନୀତି ନିବାରଣ ବିଭାଗ ଆରକ୍ଷୀ ଅଧୀକ୍ଷକ ଏସଏନ ପାଣିଗ୍ରାହୀଙ୍କୁ ପଚାରିବାରୁ ସେ କହିଲେ ତଦନ୍ତ ପରେ ସବୁ ଜଣାପଡିବ। ଭିଜିଲାନ୍ସ ଇନ୍ସପେକ୍ଟର ସଞ୍ଜୟ ପ୍ରଧାନ,ବଙ୍କିମ ବୋବାଲଙ୍କ ସହ ଅନ୍ୟମାନେ ତଦନ୍ତରେ ସାମିଲ ହୋଇଥିଲେ।

## ଓଡ଼ିଶା ସ୍ୱାସ୍ଥ୍ୟ ଠିକା କର୍ମଚାରୀ ମହାସଂଘ ଦେଲା ଦାବିପତ୍ର

**ମାଲକାନଗିରି,୧୨।୧୧(ଡି.ଏନ୍.ଏ.)**

ଓଡ଼ିଶା ସ୍ୱାସ୍ଥ୍ୟ ଠିକା କର୍ମଚାରୀ ମହାସଂଘ ମାଲକାନଗିରି ଶାଖା ପକ୍ଷରୁ ସ୍ଥାୟୀ ନିଯୁକ୍ତି ନେଇ ଏକ ଦାବିପତ୍ର ଜିଲାପାଳ ଓ ମୁଖ୍ୟ ଜିଲା ଚିକିତ୍ସାଧିକାରୀଙ୍କୁ ଶନିବାର ପ୍ରଦାନ କରାଯାଇଛି। ଗତ ୯ ତାରିଖରେ ଆୟୁଷ ସଂଘ ଓ ଓଡ଼ିଶା ସ୍ୱାସ୍ଥ୍ୟ ପରିଚାଳନା କର୍ମଚାରୀ ମିଳିତ ହୋଇ ମହାସଂଘ ଗଠନ କରିଥିଲେ। ମାଲକାନଗିରି ଜିଲାରେ ଏବେ ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧୀନରେ ଡିପିଏମ୍, ଡିଏମ୍ଆର୍ ସିଏଚ୍, ଆୟୁଷ ଡାକ୍ତର, ଫାର୍ମାସିଷ୍ଟ, ଏଏନ୍ଏମ୍, ଆଟେଣ୍ଡାଣ୍ଟ, ବିପିଏମ୍ କୋଷାଧ୍ୟକ୍ଷ ତଥା ପରିଚାଳକ, ଗାଡ଼ି ଚାଳକ ଓ ଅନ୍ୟ କର୍ମଚାରୀ ମିଶି ୧୬୮ ଜଣ କର୍ମଚାରୀ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରୁଛନ୍ତି। ଏହି କର୍ମଚାରୀମାନେ ଦୁର୍ଗମ ଅଞ୍ଚଳରେ ଦୀର୍ଘ ବର୍ଷ ଧରି କାମ କରୁଥିବା ବେଳେ ଏଯାଏ ସେମାନଙ୍କୁ ସ୍ଥାୟୀ କରାଯାଉନାହିଁ। ଫଳରେ କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସରକାର ନିକଟରେ ୫୩ ହଜାର ଠିକା କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ପ୍ରଦାନ କରିବା ସହ ଠିକା ପ୍ରଥା ଉଚ୍ଛେଦ କରିଥିବା କହୁଥିବା ବେଳେ ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧୀନରେ କାର୍ଯ୍ୟ କରୁଥିବା ଏହି କର୍ମଚାରୀଙ୍କ କ୍ଷେତ୍ରରେ ଲାଗୁ ହେଉନାହିଁ। ଏନେଇ ଆସନ୍ତା ୨୧ରେ ଭୁବନେଶ୍ୱରରେ ହେବାକୁ ଥିବା ଆନ୍ଦୋଳନରେ ସାମିଲହେବାକୁ ନିଷ୍ପତ୍ତି ହୋଇଥିବା ଦାବିପତ୍ରରେ ଉଲ୍ଲେଖ ରହିଛି। ଦାବିପତ୍ର ପ୍ରଦାନ ସମୟରେ ସଂଘ ସଭାପତି କେ. ମଣ୍ଟୁ, ଉପସଭାପତି ସଚିନ ଦେବଗୌଡ଼, ସମ୍ପାଦକ ଡ. ଅରୁଣ ପ୍ରସାଦ ପଣ୍ଡା, ଯୁଗ୍ମ ସମ୍ପାଦକ ଦୁର୍ଗାପ୍ରସାଦ ରାଜ, ସନ୍ତୋଷୀ ଶାହା, ସୁନିତା ସାହୁଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।




ଠିକା କର୍ମଚାରୀଙ୍କ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା ।

## ସ୍ୱାବଲମ୍ବନ ଦେଶର ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିପାରିବ

**କୋରାପୁଟ,୧୨।୧୧(ସ୍ୱ.ପ୍ର. )**

ଭାରତକୁ ବିକଶିତ ଏବଂ ସମୃଦ୍ଧ କରିବା ପାଇଁ କେବଳ ଗୋଟିଏ ମନ୍ତ୍ର ରହିଛି । ତା ହେଉଛି ସ୍ୱଦେଶୀ ସ୍ୱାବଲମ୍ବନ । ଆମ ଦେଶର ଲଘୁ ଉଦ୍ୟୋଗ କୁଟୀର ଶିଳ୍ପଗୁଡିକ ସଶକ୍ତ କଲେ ହିଁ ଦେଶରେ ନୂଆ ରୋଜଗାର ସୃଷ୍ଟି ହୋଇପାରିବ । ସ୍ୱାବଲମ୍ବନ ଅଭିଯାନ ବିଦେଶୀ ବିରୋଧରେ ନୁହେଁ ବରଂ ଦେଶର ବିଗିଡ଼ିଯାଉଥିବା ଅର୍ଥ ବ୍ୟବସ୍ଥାକୁ ସୁଧାରିବା ପାଇଁ ଏକ ମିଶନ । କୋରାପୁଟ ଠାରେ ସ୍ୱଦେଶୀ ଜାଗରଣ ମଞ୍ଚ ପକ୍ଷରୁ ଆୟୋଜିତ ଦତ୍ତୋପନ୍ତ ବାପୁରାଓ ଠେଙ୍ଗଡିଙ୍କ ୧୦୨ତମ ଜୟନ୍ତୀ ଉତ୍ସବରେ ଅତିଥିମାନେ ଏହା ପ୍ରକଶ କରିଛନ୍ତି। ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସଭାଗୃହଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସରକାରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ଦୀପକ ପଟ୍ଟନାୟକ ମୁଖ୍ୟଅତିଥି, ମୁଖ୍ୟବକ୍ତା ରୂପେ ସୁନାବେଡା ମିଗ୍ କାରଖାନାରେ କାର୍ଯ୍ୟରତ ଜନ୍ମେଜୟ ଦାସ, ନାଲକୋ ମଜଦୂର ସଂଘ ସାଧାରଣ ସଂପାଦକ ଆଲୋକ ରଥ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉପରୋକ୍ତ ମତ ରଖିବା ସହ ଠେଙ୍ଗଡିଙ୍କ ଜୀବନୀ ଉପରେ ଆଲୋକପାତ କରଥିଲେ। ଦତ୍ତୋପନ୍ତ ବାପୁରାଓ ଠେଙ୍ଗଡି ୧୯୨୦ ନଭେମ୍ବର ୧୦ରେ ମହାରାଷ୍ଟ୍ରର ୱର୍ଦ୍ଧା ଜିଲାରେ ଜନ୍ମ ଗ୍ରହଣ କରିଥିଲେ। ଠେଙ୍ଗଡି ଭାରତୀୟ ମଜଦୂର ସଂଘ, ଭାରତୀୟ କିଷାନ ସଂଘ, ସ୍ୱଦେଶୀ ଜାଗରଣ ମଞ୍ଚ ଆଦି ଅନେକ ସଙ୍ଗଠନର ସେ ଜନକ ରୂପେ ପରିଚିତ। ସାଧାରଣ ଲୋକଙ୍କ ଜୀବନସ୍ତରକୁ ସହଜ କରିବା, ଧନୀ ଓ ଗରିବ ମଧ୍ୟରେ ବ୍ୟବଧାନ କମାଇବା ପାଇଁ ସେ ସର୍ବଦା ଉଦ୍ୟମ କରୁଥିଲେ। ନଗର ସଂଯୋଜକ ଉମା ଶଙ୍କର ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମୁରଲୀଧର ଅଧିକାରୀ, ତନ୍ମୟ ପ୍ରଧାନ, ନିଳମଣି ଦାଶ, ଶାରଦା ଖୁଣ୍ଟିଆ, ରୀତା, ବନ୍ଦିତା, ତାରିଣୀ ପାତ୍ର, ପ୍ରହ୍ଲାଦ ସାହୁ , ବାସୁଦେବ ଦାଶ, ଅର୍ଜୁନ ଦାସ, ମୃତ୍ୟୁଞ୍ଜୟ ଶତପଥୀ, ସାଗରିକା ପାଢୀଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ। ରବି ନାରାୟଣ ମିଶ୍ର ଧନ୍ୟବାଦ ଦେଇଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

## ସହର ପରିକ୍ରମା କଲା ସଚେତନତା ରଥ

**ଦଶମନ୍ତପୁର,୧୨।୧୧(ଡି.ଏନ.ଏ.)**

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକସ୍ଥିତ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ କେନ୍ଦ୍ର ପକ୍ଷରୁ ଶନିବାର ପୋଷ୍ୟ ସନ୍ତାନ ଗ୍ରହଣ ସଚେତନତା ରଥର ଶୁଭାରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମ ଦଶମନ୍ତପୁର ଓ କୋରାପୁଟ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ କେନ୍ଦ୍ର ପକ୍ଷରୁ ହୋଇଥିଲା। ଏଥିରେ ଆଇଡିଏସ୍ ମ୍ୟାନେଜର ସୌମ୍ୟରଞ୍ଜନ ପଟ୍ଟନାୟକ, ପ୍ରଭାକର ସେମର୍ଲିଆ , ପ୍ରତାପ ଚନ୍ଦ୍ର ଜେନା, ଆଲିକା ନାୟକ, ଶୁଭସ୍ମିତା ପରିଡ଼ା, ଚାଇଲ୍ଡ ଲାଇନ ସଦସ୍ୟ ପିଙ୍କି ଚେଟୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଶିଶୁ ଚାଲାଣ ବନ୍ଦ କରିବା, ଶିଶୁମାନଙ୍କୁ ସୁରକ୍ଷା ଦେବା, ଆଇନଗତ ଭାବରେ ପୋଷ୍ୟ ସନ୍ତାନ ଗ୍ରହଣ କରିବା, ଶିଶୁମାନଙ୍କୁ ଏକ ସୁରକ୍ଷିତ ପରିବାର ଯୋଗାଇଦେବା ନେଇ ଏହି ସଚେତନତା ରଥ ଜନସାଧାରଣଙ୍କୁ ଅବଗତ କରାଇବ। ଏଥିସହ କିଶୋର ନ୍ୟାୟ ଅଧିନିୟମ-୨୦୧୫ ଏବଂ ପୋଷ୍ୟ ସନ୍ତାନ ଗ୍ରହଣ ନିୟମାବଳୀ- ୨୦୧୭ ଦ୍ୱାରା ଆଇନ ଅନୁଯାୟୀ ପୋଷ୍ୟ ସନ୍ତାନ ଗ୍ରହଣ କରିବା ଲାଗି ଏହି ରଥ ସଚେତନତାର ବାର୍ତ୍ତା ଦେବ।



ସଚେତନତା ସୃଷ୍ଟି ଲାଗି ବାହାରିଥିବା ରଥ।

### ଆଇନ ସଚେତନତା କାର୍ଯ୍ୟକ୍ରମ

**ମାଲକାନଗିରି,୧୨।୧୧(ଡି.ଏନ୍.ଏ.)**

ମାଲକାନଗିରି ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଉପାଧ୍ୟକ୍ଷା ଅଜନ୍ତା ଷଡ଼ଙ୍ଗୀ ଏବଂ ସଚିବ ରାକେଶ ମୁଦୁଲିଙ୍କୁ ନେଇ ଜିଲାର ସବୁ ବ୍ଲକରେ କମିଟି ଗଠନ କରାଯାଇଛି। ଉକ୍ତ କମିଟି ପ୍ରତି ବ୍ଲକର ସମସ୍ତ ପଞ୍ଚାୟତ, ବିଭିନ୍ନ ଶିକ୍ଷାନୁଷ୍ଠାନରେ ଆଇନ ସଚେତନତା କର୍ମଶାଳା କରିବ। ଜିଲା ସଦର ମହକୁମାରେ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରା କରାଯାଇଥିଲା। ସେହିପରି ସଦର ବ୍ଲକ ସେରପାଲି ପଞ୍ଚାୟତ ଗୃହରେ ସ୍ୱୟଂ ସହାୟକ ଗୋଷ୍ଠୀ, ଯୁବକ, ଗ୍ରାମ ମୁଖିଆଙ୍କୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଶିଶୁ ସୁରକ୍ଷା ସଂସ୍ଥା ଅଧ୍ୟକ୍ଷ ଅଶୋକ ପଟ୍ଟନାୟକ ଆଇନଜୀବୀ ଦୁର୍ଗା ତ୍ରିପାଠୀ, ସାମାଜିକ କର୍ମୀ ଦୁର୍ଯ୍ୟୋଧନ ପାତ୍ର, ମହିଳା ସ୍ୱେଚ୍ଛାସେବୀ ତୁଳସୀ କୀର୍ତ୍ତନିଆ, ଲିପିକା ଶିକାରୀ ପ୍ରମୁଖ ଯୋଗ ଦେଇଥିଲେ।

### ପଞ୍ଚାୟତସ୍ତରୀୟ ଆଇନ ସଚେତନତା କାର୍ଯ୍ୟକ୍ରମ

**କୋରୁକୋଣ୍ଡା,୧୨।୧୧(ଡି.ଏନ୍.ଏ.)**

ମାଲକାନଗିରି ଜିଲାରେ ଆଇନସେବା ପ୍ରାଧିକରଣ ସଚିବ ତଥା ସିନିୟର ଡିଭିଜନ ସିଭିଲ ଜଜ୍ ରାକେଶ ମୁଦୁଲିଙ୍କ ତତ୍ତ୍ୱାବଧାନରେ ଆରମ୍ଭ ହୋଇଥିବା ଆଇନ ସହାୟତା କାର୍ଯ୍ୟକ୍ରମ ଶୁକ୍ରବାର ଜିଲାର କୋରୁକୋଣ୍ଡା ବ୍ଲକର ନାକାମାମୁଡି ପଞ୍ଚାୟତରେ ଅନୁଷ୍ଠିତ ହୋଇଛି । ସରପଞ୍ଚ ଲକ୍ଷ୍ମୀ ପାଙ୍ଗୀଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଗ୍ରାମର ଗ୍ରାମ ମୁଖିଆ, ସ୍ୱୟଂ ସହାୟକ ଗୋଷ୍ଠୀ, ପଞ୍ଚାୟତ କର୍ମଚାରୀ, ଆଶାକର୍ମୀ ୱାର୍ଡମେମ୍ବରମାନେ ଉପସ୍ଥିତ ଥିଲେ। ବ୍ଲକ କମିଟିର ବଂଶୀଧର ମୁଦୁଲି, ଆଇନଜୀବୀ ରାଜେଶ ପଟ୍ଟନାୟକ, ଉଦୟ ନାରାୟଣ ବୁର୍ଦ୍ଧୀ, ପଞ୍ଚାୟତ ଅଧିକାରୀ ଦେବେନ୍ଦ୍ର ନାୟକ, ନାରାୟଣ ହାଁସଦା,ସମିତିସଭ୍ୟ ଲକ୍ଷ୍ମୀ ଖିଲ ପ୍ରମୁଖ ଉପସ୍ଥିତ ରହି ପଞ୍ଚାୟତର ବିଭିନ୍ନ ସମସ୍ୟା ସମ୍ପର୍କରେ ତଥ୍ୟ ସଂଗ୍ରହ କରିଥିଲେ। ଏହି ଅବସରରେ ଆଇନସେବା ପ୍ରାଧିକରଣ ଦ୍ୱାରା ଜନସାଧାରଣ କିପରି ମାଗଣାରେ ଉପକୃତ ହେବେ ସେ ନେଇ ଲୋକଙ୍କୁ ସଚେତନ କରାଯାଇଥିଲା। ପଞ୍ଚାୟତ ଅଧିକାରୀ ଦେବେନ୍ଦ୍ର ନାୟକ ଜନସାଧାରଣ କିପରି ସୁବିଧାରେ ଆଇନ ସେବା ପାଇପାରିବେ ସେନେଇ ବୁଝାଇଥିଲେ ।

### ବସଷ୍ଟାଣ୍ଡରୁ ନବଜାତ ଶିଶୁପୁତ୍ର ଉଦ୍ଧାର

**ଜୟପୁର, ୧୨।୧୧ (ନି.ପ୍ର.)**

ଜୟପୁର ସଦର ଥାନା ଅନ୍ତର୍ଗତ ଆମ୍ବାଗୁଡା ବସଷ୍ଟାଣ୍ଡରୁ ଶନିବାର ଏକ ନବ ଜାତ ଶିଶୁପୁତ୍ର ଉଦ୍ଧାର ହୋଇଛି । ଜଣେ ମହିଳା ଶିଶୁ ପୁତ୍ରର କାନ୍ଦ ଶୁଣି ଉଦ୍ଧାର କରି ରାବଣାଗୁଡା ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ । ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ଥାନା ଅଧିକାରି ଈଶ୍ୱର ତାଣ୍ଡିଙ୍କୁ ଅବଗତ କରାଯାଇଥିଲା। ଜିଲା ଶିଶୁ ସୁରକ୍ଷା ଅଧିକାରି ରାଜଶ୍ରୀ ଦାସ ଆସି ଶିଶୁ ପୁତ୍ରକୁ ଗ୍ରହଣ କରି କୋରାପୁଟ ନେଇଥିଲେ ।

ସେଲ୍ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
rgdselfie@gmail.com



@ ଦିବ୍ୟ



@ ରୋହିତ୍

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ନିରନ୍ତର ବିକାଶ ଶୀର୍ଷକ ବକ୍ତୃତା କାର୍ଯ୍ୟକ୍ରମ

**କୋରାପୁଟ,୧୨।୧୧(ସ୍ୱ.ପ୍ର.)**

କୋରାପୁଟସ୍ଥିତ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଅର୍ଥନୀତି ବିଭାଗ ଆନୁକୂଲ୍ୟରେ 'ନିରନ୍ତର ବିକାଶ' ଶୀର୍ଷକ ଏକ ସ୍ୱତନ୍ତ୍ର ବକ୍ତୃତା କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ଅର୍ଥନୀତି ବିଭାଗ ପ୍ରଫେସର ମୃତ୍ୟୁଞ୍ଜୟ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ନିରନ୍ତର ବିକାଶ ଉପରେ ବକ୍ତୃତା ପ୍ରଦାନ କରି ଅର୍ଥନୈତିକ ଅଭିବୃଦ୍ଧି ପାଇଁ ପରିବେଶର ଓ ସ୍ୱାସ୍ଥ୍ୟ ଉପରେ ଏହାର କିପରି ପ୍ରଭାବ ରହିଛି ସେ ସମ୍ପର୍କରେ ମତ ଦେଇଥିଲେ। ସେ ନିରନ୍ତର ବିକାଶର ନୀତି ଏବଂ ଦିଗ ବିଷୟରେ ଆଲୋକପାତ କରି ଏହା ବିକାଶ ଓ ପରିବେଶ ମଧ୍ୟରେ ସନ୍ତୁଳନ ବଜାୟ ରଖିବାକୁ ଚେଷ୍ଟା କରେ ବୋଲି କହିଥିଲେ। କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ଯୋଗ ଦେଇ ଏ ଦିଗରେ ଛାତ୍ରୀଛାତ୍ରମାନେ ନିଜ ଜ୍ଞାନର ପରିସୀମା ବୃଦ୍ଧି କରି ରାଷ୍ଟ୍ର ବିକାଶରେ ଶପଥ ନେବାକୁ ପରାମର୍ଶ ଦେଇଥିଲେ। ଅର୍ଥନୀତି ବିଭାଗର କାର୍ଯ୍ୟକାରୀ ମୁଖ୍ୟ ଡ. ମିନତି ସାହୁ ସ୍ୱାଗତ ସୂଚନା ଦେଇଥିଲେ। ପରେ ଉପସ୍ଥିତ ଛାତ୍ରୀଛାତ୍ର, ଗବେଷକ ଓ ମୁଖ୍ୟବକ୍ତାଙ୍କ ମଧ୍ୟରେ ଏକ ପାରସ୍ପରିକ ଆଲୋଚନା ହୋଇଥିଲା । ବରିଷ୍ଠ ସହାୟକ ପ୍ରଫେସର ପ୍ରଶାନ୍ତ ବେହେରା ଅତିଥି ପରିଚୟ ଦେଇଥିଲେ । ସୁଶ୍ରୀ ମନୀଷା ଗୁପ୍ତା ଧନ୍ୟବାଦ ଦେଇଥିଲେ।

## ଆୟୁଷ୍ମାନ ଭାରତ ହେଲ୍ଥ ଆକାଉଣ୍ଟ ପଞ୍ଜୀକରଣ କେନ୍ଦ୍ର ଉଦ୍‌ଘାଟିତ

**ଜୟପୁର, ୧୨।୧୧(ନି.ପ୍ର.)**

ପ୍ରତ୍ୟେକ ଭାରତୀୟ ନାଗରିକଙ୍କ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ସମ୍ବନ୍ଧିତ ତଥ୍ୟ ପ୍ରଦାନ ଲାଗି ଏକ କାର୍ଡ ପ୍ରଦାନ କରାଯିବ । ଏନେଇ ଶନିବାର ଜଗଧାତ୍ରୀପୁର ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ରରେ ଆୟୁଷ୍ମାନ ଭାରତ ହେଲ୍ଥ ଆକାଉଣ୍ଟ ପଞ୍ଜୀକରଣ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମ ପର୍ଯ୍ୟାୟରେ ସମସ୍ତ ସ୍ୱାସ୍ଥ୍ୟକର୍ମୀ ଜୟପୁର ଅଞ୍ଚଳ ବୁଲି ଆଶାକର୍ମୀଙ୍କ ସହଯୋଗରେ ଘର ଘର ଯାଇ ସ୍ୱାସ୍ଥ୍ୟ କାର୍ଡ କରିବେ । ଯେଉଁମାନେ ଚାହିଁବେ ସେମାନେ ଜଗଧାତ୍ରୀପୁର ଆରୋଗ୍ୟ କେନ୍ଦ୍ରକୁ ଆସି ଆଧାର କାର୍ଡ ସହ ଲିଙ୍କ୍ କରିପାରିବେ। ଏହାଦ୍ୱାରା କାର୍ଡ ହୋଇଯିବ। ଏଥିରେ ସୁପରଭାଇଜରଙ୍କ ନାମ, ଆବେଦନକାରୀଙ୍କ ନାମ ରହିବ। ଅଧିକ ଜାଣିବାକୁ ହେଲେ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ର ସହ ଯୋଗାଯୋଗ କରିବାକୁ କୁହାଯାଇଛି।

## ଉପରସାହି-ଟେଲିକମ୍ ଛକ ରାସ୍ତା ମରଣଯନ୍ତା

**ପଟ୍ଟାଙ୍ଗୀ,୧୨।୧୧(ଡି.ଏନ.ଏ.)**

କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକ ସଦର ମହକୁମା ତଥା ୧୦ ନଂ. ୱାର୍ଡ ଅଧୀନରେ ଥିବା ଉପରସାହିଠାରୁ ଟେଲିକମ୍ ଛକକୁ ସଂଯୋଗ କରୁଥିବା ରାସ୍ତା ଅବସ୍ଥା ମରଣଯନ୍ତା ପାଲଟିଛି। ଉକ୍ତ ରାସ୍ତାଟି ପଞ୍ଚାୟତ ସମିତି ଅଧୀନରେ ରହିଛି। ଏହି ରାସ୍ତାରେ ପ୍ରତ୍ୟହ ବହୁ ଗାଡ଼ିମୋଟର ଯାତାୟାତ କରୁଥିଲେ ମଧ୍ୟ ଏଥିପ୍ରତି କାହାର ଦୃଷ୍ଟି ପଡୁନାହିଁ। ରାସ୍ତାଟି ଗ୍ରାମ ଭିତରକୁ ପ୍ରବେଶ କରିବା ପାଇଁ ମୁଖ୍ୟ ରାସ୍ତା ରୂପେ ପରିଚିତ। ୫ ବର୍ଷ ତଳେ ରାସ୍ତାର ଉନ୍ନତୀକରଣ କରାଯାଇଥିଲା। ସେତେବେଳେ ନିମ୍ନମାନର କାର୍ଯ୍ୟ ହୋଇଥିବାରୁ ଅଧିକ ଦିନ ଗଲାନାହିଁ ବୋଲି ସାଧାରଣରେ ଅଭିଯୋଗ ହେଉଛି। ସେହିପରି ରାସ୍ତାକଡ଼ରେ ଡ୍ରେନେଜ ବ୍ୟବସ୍ଥା ଥିଲେ ମଧ୍ୟ ଡ୍ରେନ୍‌ଗୁଡ଼ିକ ଆବର୍ଜନାରେ ପୋତିହୋଇଗଲାଣି। ଡ୍ରେନ୍‌କୁ ସଫା କରିବା ପାଇଁ ପ୍ରଶାସନ ପକ୍ଷରୁ ଉଦ୍ୟମ କରାଯାଉନାହିଁ । ଅନ୍ୟପକ୍ଷରେ ରାସ୍ତାକଡ଼ରେ ବସବାସ କରୁଥିବା ଲୋକମାନେ ନିଜ ଘରର ଅଳିଆ ଆବର୍ଜନାକୁ ରାସ୍ତାକଡ଼ରେ ଫିଙ୍ଗୁଥିବାରୁ ଏକ ପ୍ରକାର ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ଏପରି ଅବ୍ୟବସ୍ଥା ସମ୍ପର୍କରେ ୱାର୍ଡ ସଭ୍ୟ ଅର୍ପଣ ହିମିରିକାଙ୍କୁ ପଚାରିବାରୁ ଏନେଇ ବ୍ଲକ ପ୍ରଶାସନକୁ ଅବଗତ କରାଯାଇଛି। ମାତ୍ର ଏଯାଏ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ ବୋଲି କହିଥିଲେ।



ମରଣଯନ୍ତା ପାଲଟିଥିବା ରାସ୍ତା ।

